# NATIONAL NEWS BULLETIN (ODIA)

## 17th July - 2025

## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଉଦୟନାଥ ସ୍ୱାଇଁ**

## ମୁଖ୍ୟ ସମ୍ବାଦ

- ସ୍ୱଚ୍ଛ ସର୍ବେକ୍ଷଣ-୨୦୨୪-୨୫ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି ।

— ଇନ୍ଦୋର କ୍ରମାଗତ ଅଷ୍ଟମ ବର୍ଷପାଇଁ ଦେଶର ସବୁଠାରୁ ସ୍ୱଚ୍ଛ ସହର ଭାବେ ପୁରସ୍କୃତ ।

- ପ୍ରଧାନମନ୍ତ୍ରୀ ଆସନ୍ତାକାଲି ବିହାର ଓ ପଶ୍ଚିମବଙ୍ଗ ଗସ୍ତ କରି ବିଭିନ୍ନ ବିକାଶମୂଳକ ପ୍ରକଳ୍ପର କରିବେ ଶିଳାନ୍ୟାସ ଓ ଲୋକାର୍ପଣ ।

- ପ୍ରତ୍ୟେକ ଆହ୍ୱାନକୁ ସୁଯୋଗରେ ପରିଣତ କରିବା ହେଉଛି ସୁଶାସନ; କହିଲେ କେନ୍ଦ୍ର କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ ରାଷ୍ଟ୍ରମନ୍ତ୍ରୀ ।

- କୃଷିକ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ସହ ଖର୍ଚ୍ଚ ହ୍ରାସ କରିବା ସରକାରଙ୍କ ଲକ୍ଷ୍ୟ; କହିଲେ କେନ୍ଦ୍ର କୃଷିମନ୍ତ୍ରୀ ।

ଏବଂ

- ଫ୍ରିଷ୍ଟାଇଲ୍ ଗ୍ରାଣ୍ଡସ୍ଲାମ୍ ଚେସ୍ କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କଲେ ଭାରତୀୟ ଗ୍ରାଣ୍ଡମାଷ୍ଟର ଆର୍. ପ୍ରଜ୍ଞାନାନନ୍ଦ ।

## ପ୍ରେଜ - ସ୍ୱଚ୍ଛ ସର୍ବେକ୍ଷଣ

ଇନ୍ଦୋର କ୍ରମାଗତ ଅଷ୍ଟମ ବର୍ଷପାଇଁ ଦେଶର ସବୁଠାରୁ ସ୍ୱଚ୍ଛ ସହର ଭାବେ ପୁଣି ଥରେ ତା'ର ଟାଇଟଲ୍ ବଜାୟ ରଖିଛି । କେନ୍ଦ୍ର ସରକାରଙ୍କ ବାର୍ଷିକ ସ୍ୱଚ୍ଛତା ସର୍ଭେରେ ସୁରତ୍ ସହର ଦ୍ୱିତୀୟ ସ୍ଥାନ ହାସଲ କରିଥିବାବେଳେ ନଭୀ ମୁମ୍ବାଇ ତୃତୀୟ ସ୍ଥାନରେ ରହିଛି । ଆଜି ନୂଆଦିଲ୍ଲୀରେ ଆୟୋଜିତ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଦ୍ୱାରା ସ୍ୱଚ୍ଛ ସର୍ବେକ୍ଷଣ-୨୦୨୪-୨୫ ପୁରସ୍କାରର ନବମ ସଂସ୍କରଣ ପ୍ରଦାନ କରାଯାଇଥିଲା । ଏହି ଅବସରରେ ରାଷ୍ଟ୍ରପତି ସ୍ୱଚ୍ଛତାକୁ ବିକଶିତ ଭାରତ-୨୦୪୭ ଦୃଷ୍ଟିକୋଣର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ବୋଲି କହିବା ସହ ଦେଶକୁ ସ୍ୱଚ୍ଛ, ସୁସ୍ଥ ଏବଂ ବିକଶିତ କରିବାପାଇଁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

***Voice (Prez - Viksit Bharat)*** :.........

ରାଷ୍ଟ୍ରପତି କହିଛନ୍ତି, ପ୍ରାଚୀନ କାଳରୁ ସ୍ୱଚ୍ଛତା ଦେଶର ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ଚେତନାର ଏକ ମୂଳ ଉପାଦାନ ହୋଇଆସିଛି । ୨୦୨୫ରେ ଦେଶ ସ୍ୱଚ୍ଛତା ଏବଂ ବିଶ୍ୱାସର ଏକ ସୁନ୍ଦର ସଙ୍ଗମ ଦେଖିଥିଲା ବୋଲି ରାଷ୍ଟ୍ରପତି କହିବା ସହ କୁମ୍ଭମେଳା ସମ୍ପର୍କରେ କହିଥିଲେ ।

***Voice (Prez - Kumbhmela)*** :.........

୩ରୁ ୧୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ସହର ବର୍ଗରେ ନୋଏଡ଼ା ସ୍ୱଚ୍ଛ ସହର ଭାବେ ଶୀର୍ଷରେ ଥିବାବେଳେ ଚଣ୍ଡୀଗଡ଼ ଏବଂ ମହୀଶୂର ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ୧୦ ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ସହର ମଧ୍ୟରେ ଅହମ୍ମଦାବାଦକୁ ପ୍ରଥମ ସ୍ଥାନ ମିଳିଛି ।

ଚଳିତ ବର୍ଷ ୪ଟି ବର୍ଗରେ ମୋଟ ୭୮ଟି ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ସେଗୁଡ଼ିକ ମଧ୍ୟରେ ସୁପର ସ୍ୱଚ୍ଛ ଲିଗ୍ ସହର ଏବଂ ୫ଟି ଭିନ୍ନ ଜନସଂଖ୍ୟା ଆଧାରିତ ଶ୍ରେଷ୍ଠ ୩ଟି ସ୍ୱଚ୍ଛ ସହର ରହିଛି ।

ଗୋଟିଏ ସହର ଗୋଟିଏ ପୁରସ୍କାର ନୀତି ଆଧାରରେ ପ୍ରତ୍ୟେକ ରାଜ୍ୟ ଶ୍ରେଷ୍ଠ ପ୍ରଦର୍ଶନକାରୀ ସହରକୁ ପ୍ରତିଶ୍ରୁତିବଦ୍ଧ ଶ୍ରେଷ୍ଠ ସହର ଭାବେ ସ୍ୱୀକୃତି ପ୍ରଦାନ କରାଯାଇଛି । ଏଥିରେ ଓଡ଼ିଶାର ଭୁବନେଶ୍ୱର ସାମିଲ୍ ହୋଇଛି । ସେହିଭଳି ୨୦ ହଜାରରୁ ୫୦ ହଜାର ଜନସଂଖ୍ୟା ବିଶିଷ୍ଟ ବର୍ଗରେ ଗଞ୍ଜାମ ଜିଲ୍ଲାର ଆସିକା ଏନ୍.ଏ.ସି. ପୁରସ୍କୃତ ହୋଇଛି ।

# ପି.ଏମ୍. ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ବିହାର ଏବଂ ପଶ୍ଚିମବଙ୍ଗ ଗସ୍ତରେ ଯିବେ । ପ୍ରଧାନମନ୍ତ୍ରୀ ତାଙ୍କର ବିହାର ଗସ୍ତକାଳରେ ମୋତିହାରିଠାରେ ୭ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବହୁବିଧ ବିକାଶମୂଳକ ପ୍ରକଳ୍ପ ଦେଶ ଉଦ୍ଦେଶ୍ୟରେ ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ । ଏହି ପ୍ରକଳ୍ପ ମଧ୍ୟରେ ରେଳ, ସଡ଼କ, ଗ୍ରାମୀଣବିକାଶ, ମତ୍ସ୍ୟ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ଆଦି ରହିଛି । ଶ୍ରୀ ମୋଦୀ ପାଟନାର ଦରଭଙ୍ଗାଠାରେ ଏକ ନୂତନ ସଫ୍ଟୱେୟାର ପ୍ରଯୁକ୍ତି ପାର୍କ - ଏସ୍.ଟି.ପି.ଆଇ.ର ଉଦ୍‌ଘାଟନ କରିବେ । ଏତଦ୍‌ବ୍ୟତୀତ ପାଟନାରେ ଏତ ଅତ୍ୟାଧୁନିକ ଇନ୍‌କ୍ୟୁବେସନ ସୁବିଧା ଥିବା ଏସ୍.ଟି.ପି.ଆଇ.ର ମଧ୍ୟ ଉଦ୍‌ଘାଟନ କରିବେ । ପ୍ରଧାନମନ୍ତ୍ରୀ ପାଟନାଠାରେ ୪ଟି ନୂତନ ଅମ୍ରିତ ଭାରତ ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିବେ । ପରେ ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ଦୀନଦୟାଲ ଅନ୍ତୋଦୟ ଯୋଜନାରେ ପ୍ରାୟ ୬୧ ହଜାର ୫ ଶହ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୪ ଶହ କୋଟି ଟଙ୍କା ପ୍ରଦାନ କରିବେ । ପରେ ପ୍ରଧାନମନ୍ତ୍ରୀ ପାଟନାରୁ ପଶ୍ଚିମବଙ୍ଗ ଗସ୍ତ କରି ଦେଶ ଉଦ୍ଦେଶ୍ୟରେ ତୈଳ ଏବଂ ଗ୍ୟାସ୍, ଶକ୍ତି, ସଡ଼କ ଏବଂ ରେଳ କ୍ଷେତ୍ରରେ ୫ହଜାର କୋଟି ଟଙ୍କାର ବହୁବିଧ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ । ଏହି ଅବସରରେ ସେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ

ରହିଛି । ପ୍ରଧାନମନ୍ତ୍ରୀ ପଶ୍ଚିମ ବର୍ଦ୍ଧମାନସ୍ଥିତ ତୋପ୍‌ସି ଏବଂ ପାଣ୍ଡବେଶ୍ୱରଠାରେ 'ସେତୁ ଭାରତମ୍' କାର୍ଯ୍ୟକ୍ରମ ଅଧୀନରେ ୩୮୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ୨ଟି ଓଭରବ୍ରିଜ୍‌ର ଲୋକାର୍ପଣ କରିବେ। ଏହି ଓଭରବ୍ରିଜ୍‌ଗୁଡ଼ିକ ସଡ଼କ ଯୋଗାଯୋଗକୁ ସୁଗମ କରିବା ସହ ରେଳ ଲେବୁଲ୍ କ୍ରସିଂରେ ଦୁର୍ଘଟଣା ରୋକିବାରେ ସହାୟକ ହେବ ।

## ଗୁଡ୍ ଭଗର୍ଣ୍ଣାନ୍ସ

ସୁଶାସନର ଅର୍ଥ ହେଉଛି ପ୍ରତ୍ୟେକ ଆହ୍ୱାନକୁ ସୁଯୋଗରେ ପରିଣତ କରିବା ବୋଲି କେନ୍ଦ୍ର କାର୍ମିକ, ସାଧାରଣ ଅଭିଯୋଗ ଏବଂ ପେନ୍‌ସନ୍ ପ୍ରଶାସନ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ କହିଛନ୍ତି। ଭୁବନେଶ୍ୱରରେ ଆଜି କେନ୍ଦ୍ର ସରକାରଙ୍କ ପ୍ରଶାସନିକ ସଂସ୍କାର ଏବଂ ସାଧାରଣ ଅଭିଯୋଗ ବିଭାଗ ଏବଂ ରାଜ୍ୟ ସରକାରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ 'ଉତ୍ତମ ପ୍ରଶାସନିକ ଅଭ୍ୟାସ' ନେଇ ଅନୁଷ୍ଠିତ ଜାତୀୟ ସମ୍ମିଳନୀରେ ଯୋଗଦେଇ ଡକ୍ଟର ସିଂହ କହିଛନ୍ତି, ଏହିଭଳି ସମ୍ମିଳନୀ ଆଞ୍ଚଳିକ ଓ ଜାତୀୟସ୍ତରରେ ସୁପ୍ରଶାସନର ମଡେଲଗୁଡ଼ିକ ଗ୍ରହଣ କରିବାରେ ସହାୟକ ହୋଇଥାଏ। କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଓଡ଼ିଶାରେ ପ୍ରଶାସନିକ କ୍ଷେତ୍ରରେ ବୃହତ ସଂସ୍କାର ଆସିବା ସହ କାଗଜବିହୀନ

ବଜେଟ୍ ଏବଂ ଡିଜିଟାଲ ମାଧ୍ୟମରେ ଜନଅଭିଯୋଗ ଶୁଣାଣିକୁ ଗୁରୁତ୍ୱ ଦିଆଯାଉଛି। ରାଜ୍ୟରେ ଅମଲାତନ୍ତ୍ରର ଦାୟିତ୍ୱବୋଧତା ବୃଦ୍ଧି ପାଇବା ସହ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନ କରିବାକୁ ହେଲେ ସୁଶାସନର ମହତ୍ତ୍ୱ ଉପରେ ଆଲୋଚନା କରିଛନ୍ତି। ଦୁଇଦିନ ଧରି ଅନୁଷ୍ଠିତ ଏହି ସମ୍ମିଳନୀକୁ କେନ୍ଦ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ସମଗ୍ର ଦେଶରୁ ୪ ଶହରୁ ଅଧିକ ପ୍ରତିନିଧି ଏହି ସମ୍ମିଳନୀରେ ଯୋଗ ଦେଇଛନ୍ତି।

## ବିହାର - ଶିବରାଜ

ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା ଅଧୀନରେ କୃଷି ଉତ୍ପାଦକତା ବୃଦ୍ଧି କରିବା କ୍ଷେତ୍ରରେ ଯୋଗଦାନ ଦେବାକୁ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ କୃଷି ବିଶ୍ୱବିଦ୍ୟାଳୟ ଏବଂ ଗବେଷଣା ପ୍ରତିଷ୍ଠାନଗୁଡ଼ିକୁ ଆହ୍ୱାନ କରିଛନ୍ତି । କୃଷି ଉତ୍ପାଦନ ଏବଂ ଉତ୍ପାଦକତା ବୃଦ୍ଧି କରିବାପାଇଁ ଏହି ଯୋଜନାରେ ୧୦୦ଟି ଜିଲ୍ଲାକୁ ଚୟନ କରାଯାଇଛି ବୋଲି ଆଜି ବିହାର ସମସ୍ତିପୁରର ପୁଷାସ୍ଥିତ ଡକ୍ଟର ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର ଚତୁର୍ଥ ସମାବର୍ତ୍ତନ ସମାରୋହକୁ ସମ୍ବୋଧିତ କରି ମନ୍ତ୍ରୀ

କହିଛନ୍ତି । ଗତକାଲି କେନ୍ଦ୍ର କ୍ୟାବିନେଟ୍ ଏହି ଯୋଜନାକୁ ଅନୁମୋଦନ କରିଛି । ଶ୍ରୀ ଚୌହାନ ବିଶ୍ୱବିଦ୍ୟାଳୟ ଛାତ୍ର ଏବଂ ଗବେଷକମାନଙ୍କୁ କୃଷକଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି । କୃଷିକ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ସହ ଖର୍ଚ୍ଚକୁ ହ୍ରାସ କରିବା ସରକାରଙ୍କ ଲକ୍ଷ୍ୟ ରହିଛି ବୋଲି ଶ୍ରୀ ଚୌହାନ କହିଛନ୍ତି । ଭାରତ ଚାଉଳ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବା ସହ ବାର୍ଷିକ ୫୦ ହଜାର କୋଟି ଟଙ୍କାର ବାସୁମତୀ ଚାଉଳ ରପ୍ତାନୀ କରୁଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

## ମାଣ୍ଡଭିୟ - ଖେଲୋ ଭାରତ

ଯୁବ ବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭିୟ ଆଜି ନୂଆଦିଲ୍ଲୀରେ ଖେଲୋ ଭାରତ କନ୍‌କ୍ଲେଭ୍‌କୁ ଉଦ୍‌ଘାଟନ କରିଛନ୍ତି । ଉପସ୍ଥିତ ସମାବେଶକୁ ସମ୍ବୋଧିତ କରି ଡକ୍ଟର ମାଣ୍ଡଭିୟ' କ୍ରୀଡ଼ାକୁ ଏକ ସାର୍ବଜନୀନ ଆନ୍ଦୋଳନରେ ପରିଣତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଜନସାଧାରଣ, କ୍ରୀଡ଼ା ସଂଘ, ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ସମେତ ସମସ୍ତ ଅଂଶୀଦାରଙ୍କ ସାମୂହିକ ପ୍ରୟାସଦ୍ୱାରା ଭାରତ ଏହି ଲକ୍ଷ୍ୟ ହାସଲ କରିପାରିବ ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି ।

***Voice (Mandaviya) :.........***

# ଏମ୍.ଇ.ଏ. - ନିମିଶା ପ୍ରିୟା

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ୟେମେନ୍‌ରେ ନିମିଷା ପ୍ରିୟା ମାମଲା ଏକ ସମ୍ବେଦନଶୀଳ ଘଟଣା ଏବଂ ଭାରତ ସରକାର ଏଥିପାଇଁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିଆସୁଛନ୍ତି । ଆଜି ଅପରାହ୍ଣରେ ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧିତ କରି ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟଶ୍ୱାଲ କହିଛନ୍ତି, ସରକାରଙ୍କ ପକ୍ଷରୁ ନିମିଶାପ୍ରିୟାଙ୍କ ପରିବାରକୁ ଆଇନଗତ ସହାୟତା ଯୋଗାଇ ଦିଆଯିବା ସହ ଜଣେ ଓକିଲଙ୍କୁ ନିଯୁକ୍ତ କରାଯାଇଛି । ସେ କହିଛନ୍ତି, ସମସ୍ୟାର ସମାଧାନପାଇଁ ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ପରିବାର ସଦସ୍ୟଙ୍କ ସହ ସରକାର ଯୋଗାଯୋଗରେ ଅଛନ୍ତି । ଏଥିରେ ନିମିଶାପ୍ରିୟାଙ୍କ ପରିବାରକୁ ଅନ୍ୟ ପକ୍ଷ ସହିତ ଏକ ପାରସ୍ପରିକ ସହମତ ସମାଧାନରେ ପହଞ୍ଚିବାପାଇଁ ଅଧିକ ସମୟ ପାଇବା ଲକ୍ଷ୍ୟରେ କିଛିଦିନ ଧରି ସମନ୍ୱିତ ପ୍ରୟାସ ଜାରି ରହିଛି । ମୁଖପାତ୍ର କହିଛନ୍ତି, ୟେମେନ୍ କର୍ତ୍ତୃପକ୍ଷ ଚଳିତ ମାସ ୧୬ ତାରିଖରେ ହେବାକୁ ଥିବା ମୃତ୍ୟୁ ଦଣ୍ଡାଦେଶକୁ ସ୍ଥଗିତ ରଖିଛନ୍ତି ।

ବ୍ରିଟେନ-ଭାରତ ମୁକ୍ତ ବାଣିଜ୍ୟ ରାଜିନାମା ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତରରେ ମୁଖପାତ୍ର କହିଛନ୍ତି, ଉଭୟ ଦେଶ ମଧ୍ୟରେ ଆଲୋଚନା ଜାରି ରହିଥିବାବେଳେ ପରବର୍ତ୍ତୀ ଆଲୋଚନା ଫେବୃୟାରୀରେ ଦିଲ୍ଲୀରେ ହେବାର କାର୍ଯ୍ୟସୂଚୀ ରହିଛି । ତେବେ ଚଳିତ ବର୍ଷ ମଧ୍ୟରେ ଚୁକ୍ତିନାମା ସମ୍ପୂର୍ଣ୍ଣ ହେଉ ବୋଲି ଉଭୟ ଦେଶର ନେତାମାନେ ଆଶା କରୁଛନ୍ତି ।

ନାଟୋ ସଚିବ ଜେନେରାଲ୍ ମାର୍କ ରୁଟ୍‌ଙ୍କ ବକ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ମୁଖପାତ୍ର କହିଛନ୍ତି, ଭାରତ ଘଟଣାକ୍ରମ ଉପରେ ନଜର ରଖିଛି । ସେ କହିଛନ୍ତି, ଲୋକଙ୍କ ଶକ୍ତି ଆବଶ୍ୟକତା ସୁରକ୍ଷିତ କରିବା ଭାରତପାଇଁ ପ୍ରମୁଖ ପ୍ରାଥମିକତା ।

ଆମେରିକାରେ ବେଆଇନଭାବେ ବସବାସ କରୁଥିବା ଭାରତୀୟଙ୍କୁ ସ୍ଥାନାନ୍ତରଣ ପ୍ରସଙ୍ଗରେ ଶ୍ରୀ ଜୟଶ୍ୱାଲ୍ କହିଛନ୍ତି, ଏପର୍ଯ୍ୟନ୍ତ ୧ ହଜାର ୫୬୩ ଜଣ ଭାରତୀୟଙ୍କୁ ସ୍ୱଦେଶ ଫେରାଇ ଅଣାଯାଇଛି ।

ରୁଷ୍‌ରେ ନିଖୋଜ ୧୬ ଜଣ ଭାରତୀୟଙ୍କ ବିଷୟରେ ଶ୍ରୀ ଜୟଶ୍ୱାଲ୍ କହିଛନ୍ତି, ଏ ସଂକ୍ରାନ୍ତରେ ନୂଆଦିଲ୍ଲୀ ରୁଷ୍ କର୍ତ୍ତୃପକ୍ଷଙ୍କ ସହ ନିୟମିତ ଯୋଗାଯୋଗରେ ଅଛନ୍ତି ।

ସିରିଆରେ ଇସ୍ରାଏଲ୍ ବିମାନ ଆକ୍ରମଣ ଉପରେ ଭାରତର ମତ ଉପରେ ଏକ ପ୍ରଶ୍ନର ଜବାବରେ ମୁଖପାତ୍ର କହିଛନ୍ତି, ସେହି ଦେଶଗୁଡ଼ିକରେ ଯଥାଶୀଘ୍ର ଶାନ୍ତି ଓ ସ୍ଥିରତା ଫେରିଆସୁ ବୋଲି ଭାରତ ଚାହୁଁଛି ।

## ଚେସ୍ - ଫ୍ରିଷ୍ଟାଇଲ୍ ଗ୍ରାଣ୍ଡସ୍ଲାମ୍

ଲାସ୍ ଭେଗାସ୍‌'ରେ ଖେଳାଯାଉଥିବା ଫ୍ରି-ଷ୍ଟାଇଲ୍ ଗ୍ରାଣ୍ଡସ୍ଲାମ୍ ଚେସ୍ ପ୍ରତିଯୋଗିତାରେ ଭାରତର ଗ୍ରାଣ୍ଡମାଷ୍ଟର ଆର୍. ପ୍ରଜ୍ଞାନାନନ୍ଦ' ବିଶ୍ୱର ଏକ

ନମ୍ବର ମାନ୍ୟତାପ୍ରାପ୍ତ ନରୱେର ମାଗ୍ନସ୍ କାର୍ଲସେନ୍‌ଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲ୍ ଖେଳିବାପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି । ଗତକାଲି ଉଭୟଙ୍କ ମଧ୍ୟରେ ୪ ରାଉଣ୍ଡ୍ ମୁକାବିଲାରେ ୧୯ ବର୍ଷୀୟ ପ୍ରଜ୍ଞାନାନନ୍ଦ' କାର୍ଲ୍‌ସେନ୍‌ଙ୍କୁ ୩୯ତମ ଚାଲନାରେ ପରାସ୍ତ କରିଥିଲେ । କାର୍ଲସେନ୍ ଏବେ ପ୍ରତିଯୋଗିତାରୁ ବାଦ୍ ପଡ଼ିଛନ୍ତି ।

*****